




### ‘ହର୍’ ଟିମକୁ ଆଉ ଏକ ସଫଳତା

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ; ହେଲପର ଗିରଫ



॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୫।୯ : ରାଜଧାନୀ ଭୁବନେଶ୍ୱରରେ ମହିଳାଙ୍କ ସୁରକ୍ଷା ଲାଗି କମିଶନରେଟ ପୁଲିସ ସଜାଗ ହୋଇଛି। ବିଶେଷ କରି କର୍ମଜୀବୀ ମହିଳାମାନେ ରୋଡ ରୋମିଓଙ୍କ ଦୁର୍ବ୍ୟବହାରର ଶିକାର ହେଉଥିବାରୁ ଏହାକୁ ରୋକିବା ଲାଗି ପୁଲିସ ଏକ ନୂଆ ପଦକ୍ଷେପ ଗ୍ରହଣ କରିଛି। ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇ ଏହି ରୋଡ ରୋମିଓଙ୍କ ଉପରେ କଡା ନଜର ରଖାଯାଇଛି। ଏହି ଟିମର ନାଁ ‘ହର୍’ ବା ‘ଏଚ୍ଇଆର’ ରଖାଯାଇଛି। ଏଚଇଆରର ଅର୍ଥ ‘ହାଇ ଏଫିସିଏନ୍ସି ରେସପନ୍ସ’। ଏହି ଟିମର ମଙ୍ଗ ଧରିଛନ୍ତି ମହିଳା ଏସିପି ଅଞ୍ଜନା ଟୁଡୁ।

ଗତ କିଛିଦିନ ହେଲା ରାଜଧାନୀ ଓ ଉପକଣ୍ଠରେ ରୋଡ ରୋମିଓଙ୍କ ଉତ୍ପାତ ବଢିଯାଇଛି। ରାସ୍ତାରେ ମହିଳା ଓ ଯୁବତୀମାନଙ୍କୁ ଦୁର୍ବ୍ୟବହାର କରିବା ସହ କମେଣ୍ଟ କରୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ କମିଶନରେଟ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମର ନେତୃତ୍ୱ ଏସିପି ଅଞ୍ଜନା ଟୁଡୁ ନେଉଥିବା ବେଳେ ମୋଟ ୧୪ ଜଣ ମହିଳା ପୁଲିସ ଅଫିସର ଏହି ଟିମର ମେମ୍ବର ରହିଛନ୍ତି। ଏଥିପାଇଁ ଏକ ଟୋଲ ଫ୍ରି ନମ୍ବର ମଧ ଜାରି କରାଯାଇଛି। ଏହି ନମ୍ବର ହେଉଛି ୬୩୭୨୫୦୦୪୦୦। ଯେଉଁମାନେ ଅସୁବିଧା ସମୟରେ ଏହି ନମ୍ବରକୁ କଲ କରିବେ ସେମାନଙ୍କ ନମ୍ବର ମଧ ଗୋପନ ରଖାଯିବ। ଯଦି କେହି କଣ୍ଟ୍ରୋଲ ରୁମକୁ ଫୋନ କରୁଛି, ଉକ୍ତ କଲକୁ ମଧ ଏହି ନମ୍ବରକୁ ଡାଇଭର୍ଟ କରାଯାଉଛି। ଅଭିଯୋଗ ଆସିବା ମାତ୍ରେ ପୁଲିସ ମଧ ଅଧିକାଂଶ କେସରେ ନିଜ ତରଫରୁ କେସ ରୁଜୁ କରୁଛି। ଖଟି,ମାର୍କେଟ, ପାର୍କ, ସ୍କୁଲ, କଲେଜ ଅଞ୍ଚଳରେ ସାଦା ପୋଷାକରେ ଏହି ମହିଳା ସ୍କ୍ୱାର୍ଡ ପଇଁତରା ମାରୁଛନ୍ତି। ଆଗକୁ ଏହି ଟିମ ମହିଳାଙ୍କୁ ଦୁର୍ବ୍ୟବହାର ଓ ନିର୍ଯ୍ୟାତନା ଘଟଣାରେ ଅଭିଯୁକ୍ତଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଥିବା ଦେଖାଯାଇଛି।

ଉଲ୍ଲେଖଥାଉ କି, କିଛିଦିନ ତଳେ ହାଇଟେକ୍ ମେଡ଼ିକାଲ କଲେଜର ଜଣେ ନର୍ସଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏନେଇ ଅଭିଯୋଗ ଆସିବା ପରେ ଏହି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆକ୍ସନ ନେଇଛି। ସେହିଭଳି ରାମ ନବମୀ ବେଳେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣାରେ ଟିମ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇ ଜଣଙ୍କୁ ଗିରଫ କରିଥିଲା। ଅପରପକ୍ଷରେ ମହିଳାଙ୍କ ସୁରକ୍ଷା ଲାଗି କମିଶନରେଟ ପୁଲିସ ପକ୍ଷରୁ ପୂର୍ବରୁ ଅନେକ ପଦକ୍ଷେପ ନିଆଯାଇଛି। ରାଜଧାନୀର ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ଗଠନ ହୋଇଥିବା ହର ଟିମକୁ ଆଉ ଏକ ସଫଳତା ମିଳିଛି। ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରିବା ଏବଂ ତାଙ୍କୁ ବିଭିନ୍ନ ସମୟରେ ଅଶ୍ଲୀଳ ଇଙ୍ଗିତ କରିବା ମାମଲାରେ ହର୍ ଟିମ୍ ଜଣେ ବସ ହେଲପରକୁ ଗିରଫ କରିଛି। ଗିରଫ ବସ ହେଲପରର ନାମକ କ୍ରିଷ୍ଣା ଦାସ ଓ ତାଙ୍କ ଘର ବାଲିଅନ୍ତା ଥାନା ଅଞ୍ଚଳରୁ ଗିରଫ କରି ଲକ୍ଷ୍ମୀସାଗର ପୁଲିସକୁ ଜିମା ଦେଇଛି। ଏନେଇ ନାବାଳିକାର ବାପା ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିବା ସହ ହର୍ ଟିମକୁ ଜଣାଇଥିଲେ। ପରେ ହର୍ ଟିମ ସଙ୍ଗେ ସଙ୍ଗେ ବାଲିଅନ୍ତା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରି ଲକ୍ଷ୍ମୀସାଗର ଥାନାରେ ଜିମା ଦେଇଛନ୍ତି। ଏନେଇ ପୁଲିସ ଏକ ପୋକସୋ ଆକ୍ଟରେ ଅସଦାଚରଣ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

# ସ୍ୱାମୀ ଆକ୍ରମଣରେ ଗୁରୁତର ସ୍ତ୍ରୀର ମୃତ୍ୟୁ; ଅଭିଯୁକ୍ତ ଗିରଫ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୫।୯ : ବାପ ଘରୁ ୫ ଲକ୍ଷ ଟଙ୍କା ଯୌତୁକ ନ ଆଣିବାରୁ ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ । ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଚାଲିଗଲା ଜୀବନ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ୪୦୧ରେ ମାମଲା ରୁଜୁକରି ଦଫା, ୮୫, ୨୯୬, ୧୧୫(୨), ୩୫୧(୨)(୩)/୩(୫) ବିଏନ୍ଏସ୍ ଆରଡବ୍ଲ୍ୟୁ ୪ ଡ଼ିପି ଆକ୍ଟରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ବାଲିଅନ୍ତା ପୂର୍ଣ୍ଣ ଶାସନର ଦିଲୀପ୍ ଦିପକ୍ ବିଶ୍ୱାଳ।



ସୂଚନା ଯୋଗ୍ୟଯେ, ଗତ ୧୬.୪.୨୦୧୭ ରିଖରେ ଅଭିଯୋଗକାରୀଙ୍କ ଝିଅ ତଥା ପୀଡ଼ିତା ଅଭିଯୁକ୍ତ ଦିଲୀପ୍‌ଙ୍କ ସହିତ ବିବାହ କରିଥିଲେ । ଉଭୟଙ୍କ ଏକ ୬ ବର୍ଷର ଶିଶୁ ସନ୍ତାନ ରହିଛି । ଗତ ଏକ ବର୍ଷ ହେବ ଅଭିଯୁକ୍ତଙ୍କର ଅନ୍ୟ ନାରୀ ମାନଙ୍କ ସହିତ ଥିବା ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡା ହେଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଅଭିଯୁକ୍ତ ନୂତନ ବ୍ୟବସାୟ କରିବା ନିମନ୍ତେ ପୀଡ଼ିତାଙ୍କୁ ତାଙ୍କ ବାପାଙ୍କ ଠାରୁ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହିଥିଲେ । କିନ୍ତୁ ଗତ ତା ୯.୮.୨୦୨୪ ରିଖରେ ପୀଡ଼ିତା ଅଭିଯୁକ୍ତଙ୍କୁ ତାଙ୍କ ବାପାଙ୍କୁ ଯୌତୁକ ମାଗିବାକୁ ସିଧାସିଧା ମନା କରିଦେଇଥିଲେ । ଫଳରେ ଅଭିଯୁକ୍ତ ତାଙ୍କୁ ପୁଣି ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣ ଫଳରେ ପୀଡ଼ିତା ସେଠାରେ ଅଚେତ ଅବସ୍ଥାରେ ପଡ଼ିଯାଇଥିଲେ । ସୁଦ୍ଧା ଶାଶୁଘରେ ଥିବା ପରିବାରର କୌଣସି ଲୋକ ତାଙ୍କୁ ହସ୍ପିଟାଲ ନେଇନଥିଲେ । ଘଟଣଶ ପରଦିନ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଳକାଟି ହସ୍ପିଟାଲକୁ ନେଇଥିଲେ । ସେଠାରେ ଦୁଇଜଣ ବ୍ୟକ୍ତି ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଦେଖି ତାଙ୍କ ବାପାଙ୍କୁ ଜଣାଇବା ସହ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ସେ ସୁସ୍ଥ ନ ହେବାରୁ ପରେ ପୁଣି ଗତ ୧୨.୮.୨୦୨୪ ରିଖରେ ନିଜ ପୀଡ଼ିତା ଆଉ ଏକ ଘରୋଇ ହସ୍ପିଟାଲକୁ ସେଠାରୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ଚିକିତ୍ସା ହୋଇ ସେ ଗତ ୫.୯.୨୦୨୪ରିଖରେ ନିଜ ବାପାଙ୍କ ସହ ଘରକୁ ଫେରିଥିଲେ । ଗତ ୨୧ ରିଖରେ ପୁନଶ୍ଚ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ବାପା ତାଙ୍କୁ ପୁଣି ସେହି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚକିତ୍ସାଧିନ ଅବସ୍ଥାରେ ଗତ ୨୨ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମୃତ ମହିଳାଙ୍କ ବାପା ଏନେଇ ବାଲିଅନ୍ତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୫।୯ : ପାରିବାରିକ କଳହକୁ ନେଇ ନିଜ ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ। ଏନେଇ ଥାନାରେ ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ, ନୟାପଲ୍ଲୀ ଗଣପତିନଗର ବସ୍ତିର ଅର୍ଜୁନ ବେହେରା। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଜଣକ ନିମ୍ନୋକ୍ତ ଅଭିଯୁକ୍ତଙ୍କର ଧର୍ମପତ୍ନୀ । ପାରିବାରିକ କଳହକୁ କେନ୍ଦ୍ରକରି ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କୁ ନିୟମିତ ଭାବେ ନିର୍ଯ୍ୟାତନା ଦେଉଥାନ୍ତି। ସବୁଦିନ ପରି ଗତ ୧୯ ତାରିଖ ସକାଳେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କ ପେଟକୁ ଲକ୍ଷକରି ଏକ ପେଚକଷ ସାହାର୍ଯ୍ୟରେ ଭୁସି ଦେଇଥିଲେ । ଏହି ଆକ୍ରମଣରୁ ଅଭିଯୋଗକାରିଣୀ ଜଣକ ନିଜକୁ ବଞ୍ଚାଇ ନେଇଥିଲେ ମଧ ତାଙ୍କ ହାତରେ ଗଭିର ଆଘାତ ଲାଗିଥିଲା । ଏନେଇ ଅଭିଯୋଗକାରିଣୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ମଣିପାଲ୍ ହସ୍ପିଟାଲ ପକ୍ଷରୁ ହୃଦୟ ଆରୋଗ୍ୟ ରଥ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୫।୯: ଓଡ଼ିଶାର ଲୋକପ୍ରିୟ ହସ୍ପିଟାଲ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆରମ୍ଭ ହୋଇଛି ‘ହୃଦୟ ଆରୋଗ୍ୟ ରଥ ଅଭିଯାନ। ଏହି ରଥ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର ସମ୍ପର୍କରେ କରିବ ସଚେତନ। ସେପ୍ଟେମ୍ବର ୨୩ରୁ ୨୯ତାରିଖ ଯାଏଁ ଚାଲୁଥିବା ଏହି ଅଭିଯାନକୁ ମେୟର ସୁଲୋଚନା ଦାସ ଫ୍ଲାଗ ଅଫ୍ କରି ଉଦ୍‌ଘାଟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଏହି ପଦକ୍ଷେପକୁ ମେୟର ସୁଲୋଚନା ଦାସ ପ୍ରଶଂସା କରିବା ସହିତ ହସ୍ପିଟାଲର ବିଭିନ୍ନ ଜନସଚେତନତା ମୂଳକ ଓ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ଦେଇଥିଲେ।



ପ୍ରଥମ ଥର ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ସଚେତନ ରଥ ଭୁବନେଶ୍ୱର ସମେତ ଖୋର୍ଦ୍ଧା, କଟକ ଓ ପୁରୀର ବିଭିନ୍ନ ଜନଗହିଳପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ପରିକ୍ରମା କରି ଲୋକଙ୍କୁ କରିବ ସ୍ୱାସ୍ଥ୍ୟ ସଚେତନ । ଏହା ସହିତ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ଦେବା ଭଳି ବ୍ୟବସ୍ଥା ରହିଛି।

ଏହି ଅଭିଯାନ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ‘ବିଶ୍ୱ ହୃଦୟ ଦିବସ ଅବସରରେ ଆମେ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ‘ହୃଦୟ ଆରୋଗ୍ୟ ରଥ’ ଅଭିଯାନ ଆରମ୍ଭ କରିଛୁ। ପ୍ରାଥମିକ ସ୍ତରରେ ଖୋର୍ଦ୍ଧା, କଟକ ଓ ପୁରୀ ଲୋକଙ୍କୁ ସଚେତନ କରିବୁ ଏବଂ ପରବର୍ତ୍ତୀ ସମୟରେ ଏହାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ କରାଯିବ। ଓଡ଼ିଶାର ସମସ୍ତ ଜିଲ୍ଲବାସୀଙ୍କୁ ହୃଦ୍‌ରୋଗର କାରଣ, ଲକ୍ଷଣ, ଓ ପ୍ରତିକାର ସମ୍ପର୍କରେ ସଚେତନ କରାଇବା ମଣିପାଲ ହସ୍ପିଟାଲସ୍ ଭୁବନେଶ୍ୱରର ଲକ୍ଷ୍ୟ । କାରଣ ଆମେ ସ୍ୱାସ୍ଥ୍ୟ ସଚେତନ ହୋଇପାରିଲେ ବିଭିନ୍ନ ପ୍ରକାର ହୃଦ୍‌ରୋଗ ଠାରୁ ସୁରକ୍ଷିତ ରହିପାରିବା ଏହି ଜନସଚେତନତା କାର୍ଯ୍ୟକ୍ରମରେ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ , ଡାକ୍ତର ଲିଙ୍ଗରାଜ ନାଥ,ଡାକ୍ତର ମହେଶ ପ୍ରସାଦ ଅଗ୍ରୱାଲ୍,ଡାକ୍ତର ଦିବ୍ୟରନ ବେହେରା,ଡାକ୍ତର ପ୍ରଦୀପ କୁମାର ଦାଶଙ୍କ ସମେତ ବରିଷ୍ଠ ହୃଦଶଲ୍ୟ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ,ଡାକ୍ତର ବିଶ୍ୱଜିତ ମହାପାତ୍ରଙ୍କ ସମେତ ମଣିପାଲ୍ ହସ୍ପିଟାଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କ କୁକର୍ମକାରୀକୁ ୧୦ ବର୍ଷ ସଜା

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୫।୯ : ଆଜି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ର ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି, ବଡ଼ଗଡ଼ ଥାନା ଅଞ୍ଚଳରେ ହୋଇଥିବା ଏକ ବୃଦ୍ଧାଙ୍କ କୁକର୍ମ ମାମଲାର ବିଚାର କରି ଅଭିଯୁକ୍ତ ରମେଶ ଜେନାଙ୍କୁ ଦୋଷର ସାବ୍ୟସ୍ତ କରି ୧୦ ବର୍ଷ ସଜା ଶୁଣାଇଛନ୍ତି । ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଭୁବନେଶ୍ୱର ତାରିଣୀ ବସ୍ତିରେ ରହୁଥିବା ବେଳେ ତାଙ୍କ ମାଆ ତଥା ପୀଡ଼ିତା ପକ୍ଷାଘାତ ଅବସ୍ଥାରେ ଦୀର୍ଘ ୩ ବର୍ଷ ହେବ ଶର୍ଯ୍ୟଶାୟୀ । ଗତ ଏପ୍ରିଲ ମାସ ୮.୫.୨୦୨୨ ମସିହାରେ ଅଭିଯୁକ୍ତ ରମେଶ ଜେନା ଅଭିଯୋଗକାରୀଙ୍କ ମାଆଙ୍କର ଅସହାୟତାର ଫାଇଦା ଉଠାଇ ତାଙ୍କର ଯୌନ ଶୋଷଣ ଜନିତ କୁକର୍ମ କରିଥିଲା । ଅଭିଯୋଗକାରୀଙ୍କ ପଡୋଶୀ ଏହି ଘଟଣାକୁ ଦେଖିଥିବା ବେଳେ ଏହାର ଏକ ଭିଡ଼ିଓ କରିଦେଇଥିଲେ । ଏହି ଘଟଣା ବିଷୟରେ ଜାଣି ଅଭିଯୋଗକାରୀ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଅଭିଯୋଗକୁ ଆଧାର କରି ଥାନା କେସ ନମ୍ବର- ୧୬୫/୨୦୨୨, ଭାରତୀୟ ପିଙ୍ଗନ କୋଡ୍ ଦଫା- ୩୭୬(୨)(!), ୩୭୬(୨)(୧)ରେ ଏକ ମାମଲା ରୁଜୁକରି ଥାନାର ତତ୍କାଳୀନ ଏସଆଇ ସଞ୍ଜିତ କୁମାର ବେହେରାଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା । ପରେ ଏସଆଇ ଶ୍ରୀ ବେହେରା ଏହି ମାମଲାକୁ ସଠିକ ଭାବେ ତଦନ୍ତ ଚଳାଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାର ବିଚାର କରି ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଆଜି ଅଭିଯୁକ୍ତ ରମେଶ ଜେନାକୁ ଦଫା, ୩୭୬(୨)(!)ରେ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜୋରିମାନା ଓ ଜୋରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷର କାରାଦଣ୍ଡ ଏବଂ ଦଫା ୩୭୬(୨)(୧)ରେ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜୋରିମାନା ଓ ଜୋରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷର କାରାଦଣ୍ଡ ପ୍ରକାଶ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନାରାୟଣ ପଣ୍ଡା ପରିଚାଳନା କରିଥିଲେ ।


**ପୂର୍ବତଟ ରେଳପଥ**

Tender Notice No.: DRM/ENGG/KUR/24-25/E-TENDERING/60, ତା.20.09.2024 ରିଖ

Tender No.: CENTKUR-190-2024, ତା.17.09.2024 ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ଼ ଡିଭିଜନର ରାଜଆଠଗଡ଼ - ତାଳଚେର ସେକ୍ସନ (ରାଜଆଠଗଡ଼, ହିନ୍ଦୋଳ ରୋଡ଼, ମେରାମଣ୍ଡଳୀ, ବୁଢ଼ାପଙ୍କ ଏବଂ ତାଳଚେର)ରେ ବହୁମୁଖୀ ଡିଜିଟାଲ୍ କାଉଣ୍ଟର ପାଇଁ ୧୮ଟି ଗୁମୁଟିର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.825.94 Lakhs

EMD : ଟ.5,63,000/-, କାର୍ଯ୍ୟ ସମାପ୍ତିର ଅବଧି : 18 (ଅଠର) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :** ତା.09.10.2024 ରିଖ 1500 ଘଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି
ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ(ଯନ୍ତ୍ରୀ), ଖୋର୍ଦ୍ଧା ରୋଡ଼

PR-551/P/24-25


# ଚୋରା ମଦ ବ୍ୟବସାୟୀ ଗିରଫ

॥ ପ୍ରଭାନ୍ୟୁଜ୍ ॥ ବାରଙ୍ଗ,୨୫।୯: ନନ୍ଦନକାନନ ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ ତଥା ଚ଼ାଲାଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛନ୍ତି । ସୂଚ଼ନା ଯୋଗ୍ୟ ଯେ, ଗତ ତା.୦୭.୧୨.୨୦୨୨ ରିଖରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେଶାଲ ଟିମ ମରିଚିଆ ସାଇପନ ଛକ ନିକଟରେ ଅତର୍କିତ ଚ଼ଢଉ କରିଥିଲେ। ଘଟଣା ସ୍ଥଳରେ ଅଭିଯୁକ୍ତ ଦିପୁନ ବାରିକ ପୁଲିସ ଅସୁଥିବାର ଦେଖି ୨୫ ଲିଟର ଦେଶୀ ମଦ ଜାରଟିକୁ ଘଟଣା ସ୍ଥଳରେ ଛାଡି ଏକ ଆକ୍ଟିଭା ସ୍କୁଟି ଯୋଗେ ସେଠାରୁ ଖସି ପଳାଇଯାଇଥିଲେ। ଅଭିଯୁକ୍ତଙ୍କ ପରିଚୟ ଜାଣିପାରି ପୁଲିସ ତାଙ୍କ ଘରେ ମଧ ଚଢଉ କରି ପୁନଶ୍ଚ ୨୫ ଲିଟର ଦେଶୀ ମଦ ଜବତ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ହେପାଜତରୁ ମୋଟ ୫୦ ଲିଟର ଦେଶୀମଦ ଜବତ କରିଥିଲେ। ନନ୍ଦନକାନନ ଥାନା ପୁଲିସ, ଆଜି ଫେରାର ଥିବା ଅଭିଯୁକ୍ତ ନିଜ ଘରେ କେନ୍ଦୁପାଟଣା ଗ୍ରାମରେ ଥିବାର ଏକ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚ଼ଢଉ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚ଼ରାଉଚ଼ରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିବା ସହ ଏହି ଦେଶୀମଦ ବିକ୍ରୟ ତଥା ଚାଲାଣ କରିବା ନେଇ ପାଖରେ କୌଣସି ଅନୁମତି ପତ୍ର ନଥିବା ଦର୍ଶାଇଥିଲେ। ବେଆଇନ ଦେଶୀ ମଦ ଚାଲାଣ କରୁଥିବାବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପ୍ରତ୍ର ସଂଖ୍ୟା ୧୭୮ | **ବିଜ୍ଞାପନ** | ତା.:୨୧.୯.୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ବାସନ୍ତୀ କଲୋନୀ, ଫେଜ୍-୨, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଇ.ଏମ୍.-୪୩ (EM-43) କୁ ମିଳନ ମଞ୍ଜରୀ ମହାପାତ୍ର, ସ୍ୱା-ଅଜୟ କୁମାର ମହାପାତ୍ର, ପ୍ଲଟ ନଂ- ୧୨୮୧/୨୩୨୧, ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର, ଭୁବନେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନକାରୀ ମିଳନ ମଞ୍ଜରୀ ମହାପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମହେଶ ବିଶ୍ୱକର୍ମା, ପି-ନିରଞ୍ଜନ ବିଶ୍ୱକର୍ମା, ପ୍ଲଟ ନଂ-୩୮୫/୯୯୫, ଜାମୁନାନକି, ପୋ-ପଦମପୁର, ଥା- ବିରମିତ୍ରପୁର, ଜି- ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

CAD-1192
OIPR- 13030/11/0269/2425

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**ARTHAN FINANCE PRIVATE LIMITED**

Registered Office: 302,3 rd Floor, Building No.2, Star Hub, Sahar Airport Road, Andheri East, Mumbai 400059

**ଡିମାଣ୍ଡ ନୋଟିସ୍**

ଧାରା ୧୩ (୨) ଅନୁଯାୟୀ ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସୁଧ ଅଧିନିୟମ, ୨୦୦୨
ଧାରା ୧୩ (୨) ଅଧୀନରେ ସୁରକ୍ଷା ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସୁଧ ଅଧିନିୟମ ୨୦୦୨ (SARFAESI ଆଇନ) ର ନିୟମ ୩ (୧) ଆଗ୍ରହ (ବଳପୂର୍ବକ କାର୍ଯ୍ୟକ୍ଷମ), ୨୦୦୨ ସହିତ ପଢ଼ନ୍ତୁ ।

ସାରଫାଇସି ଆଇନ, ୨୦୦୨ର ଧାରା ୧୩(୨) ଅନୁସାରେ ଏବଂ ସୁରକ୍ଷା ସ୍ୱାର୍ଥ (ବଳପ୍ରୟୋଗ) ନିୟମ, ୨୦୦୨ ର ନିୟମ ୩(୧) ଅନୁସାରେ ସୁରକ୍ଷା ସ୍ୱାର୍ଥ ପ୍ରୟୋଗ ସଂଶୋଧନ ନିୟମ ୨୦୦୨ର ସହିତ ପଠିତ ଧାରା ୧୩(୨) ଅନୁସାରେ, ସାରଫାଇସି ଆଇନ, ୨୦୦୨ ର ଧାରା ୧୩(୧୨) ଅନୁସାରେ ଏବଂ ସୁରକ୍ଷା ସ୍ୱାର୍ଥ ବଳପ୍ରୟୋଗ ନିୟମ, ୨୦୦୨ ର ନିୟମ ୩ ଅନୁସାରେ, କମ୍ପାନୀ ଆବଶ୍ୟକ ରାଶି ଆଦାୟ କରିବା ପାଇଁ ଜମାଦାର/ସଂପତ୍ତି ଧାରକଙ୍କୁ ଡିମାଣ୍ଡ ନୋଟିସ ଜାରି କରିଛି; ଏହି ନୋଟିସ ଜାରି ତାରିଖରୁ ୬୦ ଦିନ ମଧ୍ୟରେ ଏହି ନୋଟିସରେ ଉଲ୍ଲେଖିତ ରାଶି ଆଦାୟ କରିବାକୁ ନିମନ୍ତେ, ଏହି ସୂଚନା ଦିଆଯାଇଛି। ବିଭିନ୍ନ କାରଣରେ ଏହି ନୋଟିସ ସମ୍ବନ୍ଧିତ ଜମାଦାରଙ୍କୁ ପଠାଯାଇ ନଥାଇପାରେ। ଏହି ନୋଟିସର ନକଲ୍ କମ୍ପାନୀ ନିକଟରେ ଉପଲବ୍ଧ ଅଛି ଏବଂ ସମ୍ବନ୍ଧିତ ଜମାଦାରମାନେ ଯଦି ଚ଼ାହିଁବେ, କମ୍ପାନୀ କିମ୍ବା ଯେକୌଣସି ଶାଖା ହୁଏଁ କାର୍ଯ୍ୟ ଘଣ୍ଟା ମଧ୍ୟରେ ଏହା ସଂଗ୍ରହ କରିପାରିବେ। ଏଠାରେ ଅବଲମ୍ବିତ ସମସ୍ତ ଆକାଉଣ୍ଟଗୁଡିକ ଡିମାଣ୍ଡ ନୋଟିସ ଜାରି ହେବାର ତାରିଖରେ N.P.A ଅଟେ।

| କ୍ରମ ନଂ | ରଣଗ୍ରହିତାଙ୍କ ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ସମ୍ପତ୍ତିର ଠିକଣା | ବକେୟା ରାଶି (ଟଙ୍କାରେ.) |
|---|---|---|---|---|
| ୧. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:- ୦୧୦୬୧୦୧୦୦୦୮୧<br>୧. ମହେଶ୍ୱର ନାୟକ<br>୨. ରୁନି ନାୟକ<br>୩. ମହେଶ୍ୱର ନାୟକ | ୧୭-୦୯-୨୦୨୪ | ଗ୍ରାମ/ପୋଷ୍ଟ/ଥାନା- ସଉଣ୍ଡିଆ ତୁରିଗରିଆ, ଖଇରା, ବଲେଶ୍ୱର ସଉଣ୍ଡିଆ ୭୫୬୦୪୭ | ୧,୦୫୨, ୪୬୩.୭୬/- ଟଙ୍କା (ଦଶ ଲକ୍ଷ, ବାବନ ହଜାର, ଚାରି ଶହ ତେଷଠି ଟଙ୍କା ଛଅସ୍ତରୀ ପଇସା ମାତ୍ର) |
| ୨. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:-୦୧୦୬୧୦୧୦୦୧୦୯<br>୧. ମିର୍ ସମିରୁଦ୍ଦିନ୍<br>୨. ଜହିରା ଖାତୁନ୍<br>୩. ଏମ୍ଏମ୍‌କେ ସପ୍ଲାଇଜ୍<br>୪. ଏମ୍ଏମ୍‌କେ ସପ୍ଲାଇଜ୍ | ୧୭-୦୯-୨୦୨୪ | ଭଟ ମୋହଲ୍ଲା ମିର ପତି, ଭଦ୍ରକ, ପୁରୁଣା ବଜାର ଭଟ ମୋହଲା ୭୫୬୧୦୦ | ୧,୪୪୭, ୨୬୫.୦୬/- ଟଙ୍କା (ଚଉଦ ଲକ୍ଷ , ସତଚାଳିଶି ହଜାର, ଦୁଇ ଶହ ପଞ୍ଚଷଷ୍ଠି ଟଙ୍କା ଛ ପଇସା) |
| ୩. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:-୦୧୦୬୧୦୧୦୦୧୧୧<br>୧. ମିର୍ ସମିରୁଦ୍ଦିନ୍<br>୨. ଜହିରା ଖାତୁନ୍<br>୩. ଏମ୍ଏମ୍‌କେ ସପ୍ଲାଇଜ୍<br>୪. ଏମ୍ଏମ୍‌କେ ସପ୍ଲାଇଜ୍ | ୧୭-୦୯-୨୦୨୪ | ଭଟ ମୋହଲ୍ଲା ମିର ପତି, ଭଦ୍ରକ, ପୁରୁଣା ବଜାର ଭଟ ମୋହଲା ୭୫୬୧୦୦ | ୧୦୪,୧୧୫.୨୬/- ଟଙ୍କା (ଏକ ଲକ୍ଷ, ଚାରି ହଜାର, ଏକ ଶହ ପନ୍ଦର ଟଙ୍କା, ଛବିଶ ପଇସା ମାତ୍ର) |
| ୪. | ଶାଖା:- ଭୁବନେଶ୍ୱର<br>ଏଲ୍ଏଏନ୍ ନଂ:-୦୧୦୧୧୦୧୦୦୦୮୮<br>୧. ଗୋପାଳ ଚନ୍ଦ୍ର ଦାସ<br>୨. ଜ୍ୟୋତିରେଖା ଦାସ<br>୩. କୃଷ୍ଣ ଚନ୍ଦ୍ର ଦାସ<br>୪. ଗୋପାଳ ଚନ୍ଦ୍ର ଦାସ<br>୫. ପ୍ରିତିରେଖା ମଲିକ | ୧୭-୦୯-୨୦୨୪ | ଗ୍ରାମ/ପୋଷ୍ଟ/ଥାନା- ପୋଦମାରି ଅଲିଅରା ପୋଦମରି ୭୫୪୨୦୬ | ୫୪୦, ୧୫୪.୨୮/- ଟଙ୍କା (ପାଞ୍ଚ ଲକ୍ଷ, ଚାଳିଶି ହଜାର, ଏକ ଶହ ଚଉବନ ଟଙ୍କା, ଅଠେଇସି ପଇସା) |
| ୫. | ଶାଖା:- ନୟାଗଡ଼<br>ଏଲ୍ଏଏନ୍ ନଂ:-୦୧୧୨୧୦୧୦୦୧୧୪<br>୧. ଆଲୋକ ଚନ୍ଦ୍ର ସାହୁ<br>୨. ନିରୁପମା ସାହୁ<br>୩. ଆଲୋକ ଚନ୍ଦ୍ର ସାହୁ<br>୪. ସାରଦା ପ୍ରସାଦ ମାଝୀ | ୧୭-୦୯-୨୪ | ନୂଆଗାଁ ରଣପୁର ନୂଆଗାଁ ୭୫୨୦୨୬ | ୭୬୭,୬୯୩.୩୯/- ଟଙ୍କା (ସାତ ଲକ୍ଷ, ସତଷଠି ହଜାର, ଛଅ ଶହ ତେଇଆନବେ ଟଙ୍କା, ଅଣଚାଳିଶି ପଇସା) |
| ୬. | ଶାଖା:- ନୟାଗଡ଼<br>ଏଲ୍ଏଏନ୍ ନଂ:-୦୧୧୨୧୦୧୦୦୧୧୫<br>୧. ଆଲୋକ ଚନ୍ଦ୍ର ସାହୁ<br>୨. ନିରୁପମା ସାହୁ<br>୩. ଆଲୋକ ଚନ୍ଦ୍ର ସାହୁ<br>୪. ସାରଦା ପ୍ରସାଦ ମାଝୀ | ୧୭-୦୯-୨୪ | ନୂଆଗାଁ ରଣପୁର ନୂଆଗାଁ ୭୫୨୦୨୬ | ୫୧, ୪୨୯.୪୫/- ଟଙ୍କା (ଏକାବନ ହଜାର, ଚାରି ଶହ, ଅଣ ତିରିଶି ଟଙ୍କା, ପଇଁଚାଳିଶି ପଇସା) |
| ୭. | ଶାଖା:- ଭୁବନେଶ୍ୱର<br>ଏଲ୍ଏଏନ୍ ନଂ:-୦୧୦୧୧୦୧୦୦୦୧୯<br>୧. ଜଗବନ୍ଧୁ ପ୍ରଧାନ<br>୨. ମମତା ପ୍ରଧାନ<br>୩. ଜଗବନ୍ଧୁ ପ୍ରଧାନ | ୧୭-୦୯-୨୪ | ନାଗପୁରଶାସନ ବାଳକାଟି ଖୋର୍ଦ୍ଧା ଓଡ଼ିଶା ୭୫୨୧୦୦ | ୯୮୬, ୫୭୭.୫୩/- ଟଙ୍କା (ନଅ ଲକ୍ଷ, ଛଇଆଶି ହଜାର, ପାଞ୍ଚ ଶହ ସତସ୍ତରୀ ଟଙ୍କା, ତେପନ ପଇସା) |
| ୮. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:-୦୧୦୬୧୦୧୦୦୧୦୮<br>୧. ସଞ୍ଜୟ କୁମାର ବେହେରା<br>୨. ରତ୍ନା ମଞ୍ଜରୀ ବେହେରା<br>୩. ପ୍ରମୋଦ ବେହେରା<br>୪. ଗଙ୍ଗାଧର ବହେରା<br>୫. ସଞ୍ଜୟ କୁମାର ବେହେରା | ୧୭-୦୯-୨୪ | ଗ୍ରାମ- ତଳନଗର ବି.ଏମ୍ ପୁର ସୋର ୭୫୬୦୪୫ | ୮୨୦, ୭୩୦.୨୬/- ଟଙ୍କା (ଆଠ ଲକ୍ଷ, ୨୦ ଜହାର ସାତ ଶହ ତିରିଶି ଟଙ୍କା ଛବିଶି ପଇସା) |
| ୯. | ଶାଖା:- ନୟାଗଡ଼<br>ଏଲ୍ଏଏନ୍ ନଂ:-୦୧୧୨୧୦୧୦୦୧୩୪<br>୧. ରାମକୃଷ୍ଣ ମହାପାତ୍ର<br>୨. ମମତା ମହାପାତ୍ର<br>୩. ରାମକୃଷ୍ଣ ମହାପାତ୍ର | ୧୭-୦୯-୨୪ | ଗ୍ରାମ-ୱାର୍ଡ ନଂ ୦୨ ରବର ଓଡ଼ଗାଁ ୭୫୨୦୮୧ | ୭୧, ୮୮୨.୩୪/- ଟଙ୍କା (ଏକସ୍ତରୀ ଜହାର, ଆଠ ଶହ ବଇଆଶି ଟଙ୍କା, ଚଉତିରିଶି ପଇସା) |
| ୧୦. | ଶାଖା:- ନୟାଗଡ଼<br>ଏଲ୍ଏଏନ୍ ନଂ:-୦୧୧୨୧୦୧୦୦୧୩୫<br>୧. ରାମକୃଷ୍ଣ ମହାପାତ୍ର<br>୨. ମମତା ମହାପାତ୍ର<br>୩. ରାମକୃଷ୍ଣ ମହାପାତ | ୧୭-୦୯-୨୪ | ଗ୍ରାମ-ୱାର୍ଡ ନଂ ୦୨ ରବର ଓଡ଼ଗାଁ ୭୫୨୦୮୧ | ୯୭୮, ୯୭୩.୦୮/- (ନଅ ଲକ୍ଷ, ଅଠସ୍ତରୀ ହଜାର, ନଅ ଶହ ତେଏସ୍ତରୀ ଟଙ୍କା, ଆଠ ପଇସା) |
| ୧୧. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:-୦୧୦୬୧୦୧୦୦୦୯୫<br>୧. ହମିଦା ଅଞ୍ଜୁମ୍<br>୨. ଇସ୍‌ଲାମ୍ ଖାନ୍<br>୩. ହମିଦ୍ ଅଞ୍ଜୁମ୍ | ୧୭-୦୯-୨୪ | ଗ୍ରାମ-ଚକାଖଣ୍ଡସାହି ୱାର୍ଡ ନଂ୧୨ ସୋର ବାଲେଶ୍ୱର ୭୫୬୦୪୫ | ୧, ୦୮୪, ୮୦୩.୯୫/- ଟଙ୍କା (ଦଶ ଲକ୍ଷ, ଚଉରାଶି ହଜାର, ଆଠ ଶହ ତିନି ଟଙ୍କା, ପଞ୍ଚାନବେ ପଇସା) |
| ୧୨. | ଶାଖା:- ଭଦ୍ରକ<br>ଏଲ୍ଏଏନ୍ ନଂ:-୦୧୦୬୧୦୧୦୦୦୭୦<br>୧. ସୌମ୍ୟ ଶଙ୍କର ମଲ୍ଲିକ<br>୨. ସ୍ମରିତା ନାୟକ<br>୩. ଦିବାକର ମଲ୍ଲିକ<br>୪. କୁନ୍ତଳା ମଲ୍ଲିକ<br>୫. ସୌମ୍ୟ ଶଙ୍କର ମଲ୍ଲିକ | ୧୭-୦୯-୨୪ | ଗ୍ରାମ-ଉଚ୍ଛଡ଼ିଆ ପୋଷ୍ଟ- ଭଲରାବପୁର, ବାସୁଦେବପୁର ଉଚ୍ଛଡ଼ିଆ ୭୫୬୧୨୫ | ୧, ୬୬୩, ୦୭୬.୮୪/- ଟଙ୍କା (ଷୋଳ ଲକ୍ଷ, ତେଷଠି ହଜାର ଛଅସ୍ତରୀ ଟଙ୍କା, ଚଉରାଶି ପଇସା) |
| ୧୩. | ଶାଖା:- ଭୁବନେଶ୍ୱର<br>ଏଲ୍ଏଏନ୍ ନଂ:-୧୦୧୦୦୦୦୦୦୦୮୯<br>୧. ରଞ୍ଜନ କୁମାର ପ୍ରଧାନ<br>୨. ଆତ୍ରତ୍ରାଣ ପ୍ରଧାନ<br>୩. ସୁକାନ୍ତି ପ୍ରଧାନ<br>୪. ରଞ୍ଜନ କୁମାର ପ୍ରଧାନ | ୧୭-୦୯-୨୪ | ଗଣତିପଡ଼ିଆ ଶ୍ରୀପୁରୁଷୋତ୍ତମପୁର ପୁରୀ ଓଡ଼ିଶା ଗଣତିପଡ଼ିଆ ଶ୍ରୀପୁରୁଷୋତ୍ତମପୁର ୭୫୨୦୧୬ | ୨୫୭, ୭୩୦.୬୬/- ଟଙ୍କା (ଦୁଇ ଲକ୍ଷ, ସତାବନ ହଜାର, ସାତ ଶହ ତିରିଶି ଟଙ୍କା, ଛଅଷଠି ପଇସା) |
| ୧୪. | ଶାଖା:- ଭୁବନେଶ୍ୱର<br>ଏଲ୍ଏଏନ୍ ନଂ:-୦୧୦୧୧୦୧୦୦୧୨୪<br>୧. ତପନ କୁମାର ସାମଲ<br>୨. ଗିତାଞ୍ଜଳି ସାମଲ<br>୩. ସନ୍ତୋଷ କୁମାର ସାମଲ<br>୪. ତପନ କୁମାର ସାମଲ | ୧୭-୦୯-୨୪ | ଗ୍ରାମ- ବାସୁଦେବପୁର ରାଇଚାନ୍ଦ କେନ୍ଦ୍ରାପଡ଼ା ୭୫୪୨୨୩ | ୩୯୬, ୭୬୩.୬୨/- ଟଙ୍କା (ତିନି ଲକ୍ଷ, ଛଇଆନବେ ହଜାର ସାତ ଶହ ତେଷଠି ଟଙ୍କା, ବାଷଠି ପଇସା) |
| ୧୫. | ଶାଖା:- ଭୁବନେଶ୍ୱର<br>ଏଲ୍ଏଏନ୍ ନଂ:-୦୧୦୧୧୦୧୦୦୧୨୫<br>୧. ତପନ କୁମାର ସାମଲ<br>୨. ଗିତାଞ୍ଜଳି ସାମଲ<br>୩. ସନ୍ତୋଷ କୁମାର ସାମଲ<br>୪. ତପନ କୁମାର ସାମଲ | ୧୭-୦୯-୨୪ | ଗ୍ରାମ- ବାସୁଦେବପୁର ରାଇଚାନ୍ଦ କେନ୍ଦ୍ରାପଡ଼ା ୭୫୪୨୨୩ | ୫୧. ୧୩୧.୬୨/- (ଏକାବନ ହଜାର, ଏକ ଶତ ଏକତିରିଶି ଟଙ୍କା, ବାଷଠି ପଇସା) |

ଏହି ପଦକ୍ଷେପଟିକି ସୂଚ଼ନା ପ୍ରଦାନ ପାଇଁ ପରିବର୍ତ୍ତିତ ଉପାୟ ଭାବରେ ଗ୍ରହଣ କରାଯାଇଛି । ଉପରେ ଉଲ୍ଲେଖିତ ରଣଗ୍ରହିତା ଏବଂ/କିମ୍ବା ସହ-ରଣଗ୍ରହିତା, ଗାରଣ୍ଟରମାନଙ୍କୁ ବାକି ଥିବା ରାଶି ସହିତ ଭବିଷ୍ୟତ ସୁଧ ଅଦାୟ କରିବାକୁ ଅଧିକାରି ତାରିଖରୁ ୬୦ ଦିନ ମଧ୍ୟରେ ଏହି ସୂଚ଼ନା ପ୍ରକାଶ ହେବାରୁ ସୂଚ଼ିତ କରାଯାଉଛି । ନଚେତ (ଆର୍ଥନ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ସହିତ ଉପଲବ୍ଧ ଅନ୍ୟାନ୍ୟ ଅଧିକାର ବା ପ୍ରତିକାରକୁ ଛାଡି ଦେଇ) ଆଇନ ୨୦୦୨ ସୁରକ୍ଷାସ୍ଥ ସମ୍ପତ୍ତି/ରଣଗ୍ରହିତାମାନଙ୍କ ସମ୍ପତ୍ତି ଅଧିକାର ନେବାକୁ ଧାରା ୧୩(୪) ଅନୁସାରେ ଆଗକୁ ପଦକ୍ଷେପ ନିଆଯିବ । ଉଲ୍ଲେଖିତ ରାଶି ପ୍ରକୃତ ତାରିଖରେ ଅଦାୟ କରିବା ସମୟରେ ପରିବର୍ତ୍ତନ ହୋଇପାରେ । ଉଲ୍ଲେଖିତ ବ୍ୟକ୍ତିମାନଙ୍କୁ ତୃତୀୟ ପକ୍ଷ ହସ୍ତାନ୍ତର କିମ୍ବା ସୃଷ୍ଟି କରିବା ପରାମର୍ଶ ଦିଆଯାଇନାହିଁ । ଯେଉଁଠି ଆର୍ଥନ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକାର ଅଛି ।

ତାରିଖ: ୨୬-୦୯-୨୦୨୪
ସ୍ଥାନ: ମୁମ୍ବାଇ

ସ୍ୱା/-
ଅର୍ଥନ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍